# ନୂତନ ଯୁଗରେ ସଂସ୍କୃତ ଓ ନାରୀସମାଜର ଭୂମିକା

ସଂସ୍କୃତ ହେଉଛି ଦେବଭାଷା ଓ ଆଦ୍ୟଭାଷା । ବେଦ, ଉପନିଷଦ୍‌ସବୁ ସଂସ୍କୃତ ଭାଷାରେ ଲିଖିତ । ସଂସାରରେ ଯେତେ ଭାଷା ପ୍ରଚଳିତ ହେଉଛି ସବୁ ଭାଷା ସେଇ ସଂସ୍କୃତରୁ ଆସିଛି । ସଂସ୍କୃତ ହେଉଛି ମୂଳ ଭାଷା ।

ବର୍ତ୍ତମାନ ଯୁଗ ପରିବର୍ତ୍ତନର ସମୟ । ପଶୁଜାତି ଥାଇ ଯେପରି ମନୁଷ୍ୟ ଜାତି ପୃଥିବୀରେ ପ୍ରତିଷ୍ଠା ହୋଇ ଅଛନ୍ତି ସେହପରି ମନୁଷ୍ୟ ଜାତି ଥାଇ ପୃଥିବୀରେ ଅତିମାନବ ଜାତି ପ୍ରତିଷ୍ଠା ହେବ । ସେମାନଙ୍କର ହେବ ଦିବ୍ୟ ଶରୀର । ସେମାନେ ମୃତ୍ୟୁ, ରୋଗ, ବୃଦ୍ଧତ୍ୱ, ଦୁଃଖ-କଷ୍ଟ, ଅଜ୍ଞାନରୁ ସଂପୂର୍ଣ୍ଣ ମୁକ୍ତ ରହିବେ ।

ସେମାନଙ୍କର ରୂପାନ୍ତରିତ ମନ-ପ୍ରାଣ-ଶରୀର ସଂପୂର୍ଣ୍ଣରୂପେ ଭଗବାନଙ୍କ ସଙ୍ଗେ ଏକତ୍ୱ ପ୍ରାପ୍ତ କରିବ । ସେମାନଙ୍କର ଚେତନା ହେବ ଅତିମାନସ ଚେତନା । ସେମାନେ ଭଗବତ୍ ଶକ୍ତି ଦ୍ୱାରା ପରିଚାଳିତ ହେବେ । ଯଦ୍ୟପି ସେମାନେ ଭଗବାନଙ୍କ ସହିତ ଏକତ୍ୱ ପ୍ରାପ୍ତ କରିବେ, ସେମାନଙ୍କର ଯଦ୍ୟପି ସବୁକିଛି ଦିବ୍ୟତ୍ୱ ପ୍ରାପ୍ତ ହେବ ତଥାପି ମନୁଷ୍ୟ ଜାତି ସହିତ ସେମାନଙ୍କର ପୂର୍ଣ୍ଣରୂପେ ସମ୍ପର୍କ ରହିବ । କାରଣ ସେମାନଙ୍କର ଚେତନା ହେବ ଭଗବତ୍ ଚେତନା । ସେମାନେ ନିଜକୁ ସମସ୍ତ ପ୍ରାଣୀ ମଧ୍ୟରେ ଉପଲବ୍ଧି କରିବେ ।

ଏହି ପୃଥିବୀରେ ପରାର୍ଦ୍ଧର ଭଗବତ୍ ଧାମ ପ୍ରତିଷ୍ଠା ହେବ । ଅର୍ଥାତ୍ ଏ ମୃତ୍ୟୁପୁରୀ ଭଗବତ୍ ଦିବ୍ୟ ଧାମରେ ପରିଣତ ହେବ । ସେତେବେଳେ ସଂସ୍କୃତ ଭାଷାର ବ୍ୟବହାର ବିପୁଳ ଭାବରେ ଦେଖାଦେବ ।

ଏହି ସକାଶେ ସଂସ୍କୃତ ଭାଷାର ପ୍ରସାର ଆବଶ୍ୟକ । ଯେପରି ଆମେ ଅତିମାନସ ନୂତନ ଦିବ୍ୟଯୁଗ ଆଡ଼କୁ ପ୍ରଗତି କରିବା ସକାଶେ ପାଠଚକ୍ର, ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ମାଧ୍ୟମରେ ଶ୍ରୀଅରବିନ୍ଦଙ୍କ ଯୋଗକୁ ଗ୍ରହଣ କରୁଛୁ ସେହିପରି ଏ ସଂସ୍କୃତ ଭାଷାର ପ୍ରସାର ଆବଶ୍ୟକ ।

ଏହି ଯେଉଁ ନୂତନ ଅତିମାନସ ଯୁଗ ପୃଥିବୀରେ ପ୍ରତିଷ୍ଠା ହେବ ସେଥିରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିବ ନାରୀମାନଙ୍କର । କାରଣ ପୃଥିବୀରେ ନୂତନ ଜାତି ପ୍ରତିଷ୍ଠା ହେବ । କିନ୍ତୁ ସେହି ନୂତନ ଯୁଗ ଆଡ଼କୁ ଅଗ୍ରଗତି କରିବ ବର୍ତ୍ତମାନର ଉପସ୍ଥିତ ମନୁଷ୍ୟ । ଏହିମାନଙ୍କର ମନ-ପ୍ରାଣ-ଶରୀର ଆସିବ ଗାର୍ହସ୍ଥ୍ୟ ଆଶ୍ରମରୁ । ଗାର୍ହସ୍ଥ୍ୟ ଆଶ୍ରମରେ ସନ୍ତାନମାନେ ଉତ୍ତମ ସଂସ୍କାର ଗ୍ରହଣ କରନ୍ତି ମା'ଙ୍କଠାରୁ । ମା'ର ପ୍ରଭାବ ସନ୍ତାନମାନଙ୍କ ଉପରେ ଖୁବ୍ ବେଶୀ ପଡ଼ିଥାଏ । କାରଣ ମା' ସନ୍ତାନକୁ ଗର୍ଭରେ ଧାରଣ କରେ । ମା'ର ଦୈନନ୍ଦିନ ଆଚରଣର ପ୍ରଭାବ ସନ୍ତାନ ଉପରେ ପଡ଼େ । ମା'ର ଶରୀରର କ୍ଷୀର ପାନ କରି ସନ୍ତାନର ଶରୀର ବୃଦ୍ଧି ହୁଏ । ଖାଇବା, ପିଇବା, ରହିବା ସମସ୍ତ ଲାଳନପାଳନ ହୁଏ ମା'ଙ୍କ ଦ୍ୱାରା । ମା' ଯେପରି ଆଚରଣ କରିବ ସନ୍ତାନ ମଧ୍ୟରେ ତାହାହିଁ ହେବ ସଂସ୍କାର । ତା' ଛଡ଼ା ଗୃହଲକ୍ଷ୍ମୀ ହେଉଛି ମା' । ଗୋଟିଏ ମହିଳା ଯଦି ସଚ୍ଚରିତ୍ରବତୀ ହୁଏ ସେ ସମସ୍ତ ଘରର ବାତାବରଣକୁ ପରିବର୍ତ୍ତନ କରିଦିଏ ।

ପୁରାତନ ଯୋଗ ମହିଳାମାନଙ୍କ ସକାଶେ ଅପରିହାର୍ଯ୍ୟ ନ ଥିଲା । ତାହା ଥିଲା ବ୍ୟକ୍ତିଗତ ସାଧନା । କିନ୍ତୁ ଏ ହେବ ଗୋଟିଏ ନୂତନ ଜାତି ପ୍ରତିଷ୍ଠା । ମା'ର ସନ୍ତାନମାନେ ହେବେ ଏଥିରେ ଅଗ୍ରଦୂତ । ସେ ସକାଶେ ଶ୍ରୀଅରବିନ୍ଦଙ୍କ ଯୋଗରେ ମହିଳାମାନଙ୍କର ଭୂମିକା ବିଶେଷ ଗୁରୁତ୍ୱପୂର୍ଣ୍ଣ । ଅତଏବ ମହିଳାମାନେ ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ କରିବା ସକାଶେ ମହିଳା ପାଠଚକ୍ର ପ୍ରତିଷ୍ଠା କରନ୍ତୁ, 'ଦିବ୍ୟଯୁଗ ସ୍ଥାପନାରେ ନାରୀ', 'ଗାର୍ହସ୍ଥ୍ୟ ଧର୍ମ', 'ପ୍ରତ୍ୟେକ ମନୁଷ୍ୟର କର୍ତ୍ତବ୍ୟ', 'ରୂପାନ୍ତର ଯୋଗରେ ନାମ ଜପ' ଭଲଭାବେ ଅଧ୍ୟୟନ କରି ସେହି ଅନୁସାରେ ଆଚରଣ କରନ୍ତୁ । ସନ୍ତାନମାନଙ୍କୁ ଶିକ୍ଷାଦେବା ସକାଶେ ମା'ମାନେ 'ଛାତ୍ରମାନଙ୍କ ପ୍ରତି', 'ଛାତ୍ରଜୀବନରେ ଉନ୍ନତିର ମାର୍ଗ' ବହି ପଢ଼ି ସନ୍ତାନମାନଙ୍କୁ ସେହି ଅନୁସାରେ ଆଚରଣ କରିବା ସକାଶେ ଶିକ୍ଷା ଦିଅନ୍ତୁ ।

ଏହିସବୁ କାର୍ଯ୍ୟ ନୂତନ ଜୀବନ ସକାଶେ ଯେପରି ଆବଶ୍ୟକ ସଂସ୍କୃତ ଭାଷାର ମଧ୍ୟ ସେହିପରି ଆବଶ୍ୟକ । ମହିଳା ସମାଜରେ ସଂସ୍କୃତ ଭାଷାର ପ୍ରସାର ହେବା ବହୁତ ଆବଶ୍ୟକ ।

ଓଡ଼ିଶା ଉପରେ ମା'ଙ୍କର ବହୁତ କୃପା । ସେ ସକାଶେ ଓଡ଼ିଶାବାସୀ ଏହି ନୂତନ ଯୋଗର ସତ୍ୟକୁ ଗ୍ରହଣ କରିବା ସକାଶେ ତତ୍ପର ହେଉଛନ୍ତି । ଆମ୍ଭେମାନେ ମା'ଙ୍କ ଚରଣରେ ପ୍ରାର୍ଥନା କରିବା ଆମ ମା-ଭଉଣୀମାନେ, ଏହି ସତ୍ୟକୁ ଗ୍ରହଣ କରି ଲକ୍ଷ୍ୟ ପ୍ରାପ୍ତି ମାର୍ଗରେ ଅଗ୍ରସର ହୁଅନ୍ତୁ ।